# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୨.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଚେୟାରପର୍ସନ୍,
୨. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୩. ଅସିୟା ବେଗମ୍

ଅଦ୍ୟ ତା ୧୬.୦୨.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମ, ପୂର୍ବରୁ ବିଭିନ୍ନ ପ୍ରକଳ୍ପ ପାଇଁ ମୁଖ୍ୟତଃ କଂସେଇଖାନା, ୱାଟରବଡ଼ି, ମିଟ୍ ମାର୍କେଟ୍, ୱେଟ୍ ମାର୍କେଟ୍, ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ ପାଇଁ OUIDF ଠାରୁ ଆଣିଥିବା ଋଣ ଯଦି ଠିକ୍ ସମୟରେ ଅର୍ଥ ପଇଠ କରାଯାଏ ତେବେ ୮.୫% ସୁଧରେ ଦେବାକୁ ପଡ଼ିଥାଏ ଅନ୍ୟଥା ୧ % ପେନାଲ୍‌ଟି ଦେବାକୁ ପଡ଼େ । (ପ୍ରକାଶ ଥାଉକି ବି.ଏମ୍.ସି କୁ କେବେ ବି ୧ % ପେନାଲ୍‌ଟି ଦେବାକୁ ପଡିନାହିଁ) ଏବେ OUIDF ଠାରୁ ୪ % ସୁଧରେ ଋଣ ଅଣାଯାଇଅଛି ଯଦି ଠିକ୍ ସମୟରେ ଅର୍ଥ ପଇଠ କରାଯିବା ବିଳମ୍ବ ହେଲେ ଆଉ ୧% ଅର୍ଥ ପେନାଲ୍‌ଟି ଦେବାକୁ ପଡ଼ିବ । OUIDF ରୁ ଆଣିଥିବା ମୋଟ ଋଣର ଭାର ଭୁବନେଶ୍ୱର ମହାନଗର ନିଗମ ଉପରେ ପଡୁଅଛି, ତେଣୁ ମୋଟ ପୂର୍ବଋଣ ହାର ୮.୫ % ରୁ ୪ % ପ୍ରତିଶତକୁ କମାଇବା ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମାଧ୍ୟମରେ OUIDF କୁ ଅନୁରୋଧ କରିବା ସମ୍ପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରକାଶ ଥାଉକି, ପ୍ରସ୍ତାବ ବର୍ଣ୍ଣିତ ଋଣର କିସ୍ତି ସଠିକ୍ ସମୟରେ ପଇଠ କରିବା ପାଇଁ ମୁଖ୍ୟ ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୨୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ପ୍ରୀତିନନ୍ଦା ରାଉତରାୟ
ସଭାପତି
ତା ୧୬.୦୨.୨୦୨୩ ରିଖ